# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**17 June – 2025**

**News Editor : Itishree Singh Rathaur**

****************************************

## ମୁଖ୍ୟ ସମ୍ବାଦ

- ବିକଶିତ ଓଡ଼ିଶା ଗଠନରେ କୃଷି ଓ କୃଷକଙ୍କ ବିକାଶ ବଳିଷ୍ଠ ଭୂମିକା ଗ୍ରହଣ କରିବ, କହିଲେ ମୁଖ୍ୟମନ୍ତ୍ରୀ

- ରାଜ୍ୟରେ ଝାଡାବାନ୍ତି ସ୍ଥିତି ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ; ପରିସ୍ଥିତି ଅନୁଧ୍ୟାନ ପାଇଁ ପ୍ରଭାବିତ ଅଞ୍ଚଳରେ ବିଶେଷଜ୍ଞ ଦଳ ମୁତୟନ

- ଶ୍ରୀଲିଙ୍ଗରାଜ ମନ୍ଦିରରେ ସେବା ପୂଜା ଅଧିକାର ସମ୍ପର୍କିତ ସମୀକ୍ଷା ପାଇଁ ସମିତି ଗଠନ କଲେ ରାଜ୍ୟ ସରକାର

ଏବଂ

- ରାଜ୍ୟରେ କୁମ୍ଭୀର ସଂରକ୍ଷଣ ପ୍ରକଳ୍ପର ୫୦ ବର୍ଷ ପୂର୍ତ୍ତି; ଆଜିଠାରୁ ଆରମ୍ଭ ହେଲା ସପ୍ତାହବ୍ୟାପୀ ସଚେତନତା କାର୍ଯ୍ୟକ୍ରମ

## କୃଷକ ସମାବେଶ ମୁଖ୍ୟମନ୍ତ୍ରୀ

ବିକଶିତ ଓଡ଼ିଶା ଗଠନ ପାଇଁ କୃଷି ଓ କୃଷକମାନଙ୍କ ବିକାଶ ଏକ ବଳିଷ୍ଠ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ପାଳନ ଅବସରରେ ବଲାଙ୍ଗିରରେ ଆୟୋଜିତ ରାଜ୍ୟସ୍ତରୀୟ କୃଷକ ସମାବେଶରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, କୃଷକମାନଙ୍କୁ ସଶକ୍ତ କରିବା ପାଇଁ ସରକାର ସମସ୍ତ ପ୍ରକାର ଯାନ୍ତ୍ରିକ ସହାୟତା ଯୋଗାଇ ଦେବେ। ଗତ ମେ' ମାସ ସୁଦ୍ଧା କୃଷକମାନଙ୍କୁ ୭୮ ହଜାର ୬୮୧ କୃଷି ଯନ୍ତ୍ରପାତି ଯୋଗାଇ ଦେବା ସହ ୪୫୯ କୋଟି ୩୮ ଲକ୍ଷ ଟଙ୍କାର ରିହାତି ପ୍ରଦାନ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଶ୍ରୀ ମାଝୀ କହିଛନ୍ତି, ସରକାର ଆଗାମୀ ୫ ବର୍ଷ ମଧ୍ୟରେ ୧୫ ଲକ୍ଷ ହେକ୍ଟର ଅଣସେଚିତ ଜମିକୁ ଜଳସେଚନ ଯୋଗାଇଦେବାର ଲକ୍ଷ୍ୟ ରଖିଛନ୍ତି। ରାଜ୍ୟରେ କୃଷକ ସଶକ୍ତୀକରଣକୁ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ, ପଂଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକଙ୍କ ସମେତ ଅନ୍ୟ ସାଂସଦ ଓ ବିଧାୟକ ଉପସ୍ଥିତ ଥିଲେ।

## ଝାଡ଼ାବାନ୍ତି

ରାଜ୍ୟର ବିଭିନ୍ନ ଅଂଚଳରେ ଝାଡ଼ାବାନ୍ତି ବ୍ୟାପିଥିବା ସୂଚନା ମିଳିଛି। ଯାଜପୁର ସହ ଭଦ୍ରକ, ଢେଙ୍କାନାଳ, କଟକର କେତେକ ଅଂଚଳରେ ଝାଡ଼ାବାନ୍ତି ବ୍ୟାପିଥିବାବେଳେ ଏହାକୁ ନିୟନ୍ତ୍ରଣ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଉଛି। ମୁଖ୍ୟ ଶାସନ

ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଆଜି ଏ ନେଇ ଏକ ସମୀକ୍ଷା ବୈଠକ ହୋଇଥିବା ସ୍ୱାସ୍ଥ୍ୟ ବିଭାଗର ଶାସନ ସଚିବ ଏସ୍. ଅଶ୍ୱତୀ କହିଛନ୍ତି...

**- V/O -**

ଝାଡାବାନ୍ତି ସ୍ଥିତି ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ୪ଟି ରାଜ୍ୟସ୍ତରୀୟ ଦଳକୁ କ୍ଷେତ୍ରସ୍ତରୀୟ କାର୍ଯ୍ୟାନ୍ୱୟନ ଅନୁଧ୍ୟାନ ପାଇଁ ବିଭିନ୍ନ ଅଂଚଳରେ ମୁତୟନ କରାଯାଇଛି । ଏହି ଦଳ ଢେଙ୍କାନାଳର ଭୁବନ, କଟକର ବାଙ୍କୀ, ଯାଜପୁରର ଧର୍ମଶାଳା ଓ ଭଦ୍ରକର ବଡ଼ଚଣା ଓ ଭଣ୍ଡାରିପୋଖରୀ ଅଂଚଳ ଗସ୍ତ କରି ଝାଡାବାନ୍ତି ନିରାକରଣ କାର୍ଯ୍ୟର ଅନୁଧ୍ୟାନ କରୁଛନ୍ତି । ଏ ସମ୍ପର୍କରେ ଅଧିକ ସୂଚନା ଦେଉଛନ୍ତି ଆମ ସମ୍ବାଦଦାତା....

**- V/O - *(Smrutirekha Tarenia)***

*ଯାଜପୁର ଜିଲ୍ଲାରେ ଝାଡାବାନ୍ତି ଏବଂ ହଇଜା ସ୍ଥିତିର ମୁକାବିଲା ପାଇଁ ଜାତୀୟ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ପ୍ରଭାବିତ ଅଂଚଳରେ ଅଧିକ ଡକ୍ଟର ଏବଂ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟଦଳ ମୁତୟନ କରାଯାଇଛି । ସ୍ୱାସ୍ଥ୍ୟମିଶନର ନିର୍ଦ୍ଦେଶକ ଡାକ୍ତର ବୃନ୍ଦା ଡି.ଙ୍କ ନିର୍ଦ୍ଦେଶକ୍ରମେ ପ୍ରଭାବିତ ଅଂଚଳଗୁଡ଼ିକରେ ୨୦ଟି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟଦଳ ମୁତୟନ କରାଯିବା ସହ ୪୫ଟି ସ୍ୱାସ୍ଥ୍ୟଶିବିର ଆୟୋଜନ କରାଯାଇଛି । ସଂକ୍ରମଣକୁ ନିୟନ୍ତ୍ରଣ କରିବା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ବିଶେଷଜ୍ଞ ଦଳକୁ ଡାକ୍ତର ବୃନ୍ଦା ପରାମର୍ଶ ଦେଇଛନ୍ତି । ଏହାସହ ଗ୍ରାମ ଓ ସହରାଞ୍ଚଳରେ ଝାଡାବାନ୍ତି ସମ୍ପର୍କିତ ସୂଚନା ପ୍ରଦାନ ସଚେତନତାମୂଳକ*

*ବାର୍ତ୍ତାର ପ୍ରସାର ଏବଂ ପାନୀୟ ଜଳସ୍ରୋତଗୁଡ଼ିକର ନିୟମିତ ବିଶୋଧୀକରଣ ଉପରେ ଗୁରୁତ୍ୱ ଦିଆଯାଉଛି । ଜିଲ୍ଲାରେ ଷ୍ଟପ୍ ଡାଇରିଆ ଅଭିଯାନ ମଧ୍ୟ ଆରମ୍ଭ ହୋଇଛି । ଏହି ଅଭିଯାନ ମାଧ୍ୟମରେ ଲୋକଙ୍କୁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପରାମର୍ଶ ଦିଆଯିବା ସହ ସଚେତନତା ସୃଷ୍ଟି କରାଯାଉଛି । ବର୍ଷାଋତୁରେ ଜଳବାହିତ ସଂକ୍ରାମକ ରୋଗ ସାଧାରଣତଃ ଦେଖାଦେଇଥାଏ ।*

ଝାଡାବାନ୍ତି, ହଇଜା ଆଦି ରୋଗର କାରଣ ଓ ନିରାକରଣ ସମ୍ପର୍କରେ ଡକ୍ଟର ଶ୍ରୀକାନ୍ତ ଧର କହିଛନ୍ତି....

**- V/O –**

## ଝାଡାବାନ୍ତି-୨

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଆଜି **ଭଦ୍ରକ** ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଗସ୍ତ କରି ଡାଇରିଆ ସ୍ଥିତିର ସମୀକ୍ଷା କରିବା ସହ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି । ସମ୍ଭାବ୍ୟ ପରିସ୍ଥିତିକୁ ଦୃଷ୍ଟିରେ ରଖି ସ୍ଥିତି ନିୟନ୍ତ୍ରଣ, ଆକ୍ରାନ୍ତଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ପ୍ରଦାନ, ଜନସଚେତନତାକୁ ଗୁରୁତ୍ୱ ଦେବା ପାଇଁ ସ୍ୱାସ୍ଥ୍ୟ ଅଧିକାରୀ ଏବଂ ସ୍ଥାନୀୟ ପ୍ରଶାସନକୁ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ନିର୍ଦ୍ଦେଶ ଦେଇଛନ୍ତି ।

## ଲିଙ୍ଗରାଜ

ଭୁବନେଶ୍ୱରସ୍ଥିତ ଶ୍ରୀଲିଙ୍ଗରାଜ ମନ୍ଦିରରେ ବିଭିନ୍ନ ନିଯୋଗମାନଙ୍କ ଦ୍ୱାରା କରାଯାଉଥିବା ସେବା ପୂଜା ସମ୍ପର୍କିତ ଅଧିକାରର ସମୀକ୍ଷା କରିବା ପାଇଁ ରାଜ୍ୟ ସରକାର ଏକ ସମିତି ଗଠନ କରିଛନ୍ତି । ସେବାପୂଜା ସମ୍ପର୍କିତ ରେକର୍ଡ ଅଫ୍ ରାଇଟ୍ସ୍‌ର ସମୀକ୍ଷା କରିବା ସହ ସେସବୁକୁ ଅନ୍ତିମ ରୂପ

ଦେବା ପାଇଁ ଉଚ୍ଚ ନ୍ୟାୟାଳୟର ଅବସରପ୍ରାପ୍ତ ନ୍ୟାୟମୂର୍ତ୍ତି ଡକ୍ଟର ଜଷ୍ଟିସ୍ ଦୁର୍ଗାପ୍ରସନ୍ନ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ୨ ସଦସ୍ୟବିଶିଷ୍ଟ ଏକ ସମିତି ଗଠନ କରାଯାଇଛି । ଭୁବନେଶ୍ୱରର ସ୍ୱତନ୍ତ୍ର ସର୍କିଟହାଉସ୍‌ଠାରେ ଆଜି ସମିତିର କାର୍ଯ୍ୟାଳୟକୁ ନ୍ୟାୟମୂର୍ତ୍ତି ଡକ୍ଟର ଜଷ୍ଟିସ୍ ଚୌଧୁରୀ ଉଦ୍‌ଘାଟନ କରିଛନ୍ତି । ସୂଚନାଯୋଗ୍ୟ, ଏହି ସମିତି ଲିଙ୍ଗରାଜ ମନ୍ଦିରର ବିଭିନ୍ନ ସେବାପୂଜା, ନିଯୋଗମାନଙ୍କ ଦାୟିତ୍ୱ ଓ ଅଧିକାର ସମ୍ପର୍କରେ ଅନୁଧ୍ୟାନ କରି ରାଜ୍ୟ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବ ।

## ବିକାଶମେଳା

**ଭଦ୍ରକ** ଜିଲ୍ଲା ନେହେରୁ ଷ୍ଟାଡିୟମ୍‌ଠାରେ ବିକାଶମେଳା ଉତ୍ସବରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଯୋଗଦେଇଛନ୍ତି ।  ଏହି ଅବସରରେ ଶ୍ରୀମତୀ ପରିଡା ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ । କାର୍ଯ୍ୟକ୍ରମରେ ବହୁ ହିତାଧିକାରୀଙ୍କୁ  ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ପୁରସ୍କୃତ କରିଥିଲେ ।

## ଧର୍ମେନ୍ଦ୍ର ପ୍ରଧାନ

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ବାଲେଶ୍ୱର ଜିଲ୍ଲାର ପୂର୍ବତନ ବିଧାୟକ ସ୍ୱର୍ଗତଃ ମଦନମୋହନ ଦତ୍ତଙ୍କ ସ୍ମୃତିରେ ସ୍ଥାନୀୟ ଷ୍ଟେସନ ଛକଠାରେ ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଅନାବରଣ କରିଛନ୍ତି । ବାଲେଶ୍ୱର ମାଟି ସାହିତ୍ୟ, ସଂସ୍କୃତି ଓ ସଂଗ୍ରାମର ମାଟି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

## ଦକ୍ଷତା ବିକାଶ କର୍ମଶାଳା

ରାଜ୍ୟରେ ଉଚ୍ଚମାଧ୍ୟମିକ ସ୍ତରରେ ଛାତ୍ରଛାତ୍ରୀମାନଙ୍କ ସୃଜନଶୀଳତା ଏବଂ ଦକ୍ଷତା ବିକାଶ ସହିତ ସେମାନଙ୍କୁ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ

ଭୁବନେଶ୍ୱରରେ ୨ ଦିନିଆ କର୍ମଶାଳା ଆୟୋଜିତ ହୋଇଛି। କୃଷିଭବନସ୍ଥିତ ଅଡିଟୋରିୟମ୍‌ଠାରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଆନୁକୂଲ୍ୟରେ ଏହି କର୍ମଶାଳାର ଆୟୋଜନ କରାଯାଇଛି। କର୍ମଶାଳାରେ ୧୬୪ ଜଣ ଅଂଶଗ୍ରହଣ କରିଛନ୍ତି।

# ବିଶ୍ୱ କୁମ୍ଭୀର ଦିବସ

ପରିବେଶ ସନ୍ତୁଳନ ରକ୍ଷା କରିବାରେ କୁମ୍ଭୀରମାନଙ୍କର ଭୂମିକା ଏବଂ ସେମାନଙ୍କର ବାସସ୍ଥାନକୁ ସୁରକ୍ଷା ଦେବାର ଆବଶ୍ୟକତା ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଆଜି ବିଶ୍ୱ କୁମ୍ଭୀର ଦିବସ ପାଳନ କରାଯାଉଛି । ଚଳିତବର୍ଷ ବିଶ୍ୱ କୁମ୍ଭୀର ଦିବସର ବିଷୟବସ୍ତୁ ରହିଛି- କୁମ୍ଭୀର ସହିତ ସହାବସ୍ଥାନ-ସମ୍ପ୍ରଦାୟ ମାଧ୍ୟମରେ ସଂରକ୍ଷଣ।

କୁମ୍ଭୀର ସଂରକ୍ଷଣ ଓ ସୁରକ୍ଷା ଦିଗରେ ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଛି। ରାଜ୍ୟରେ କୁମ୍ଭୀର ସଂରକ୍ଷଣ ପ୍ରକଳ୍ପର ୫୦ ବର୍ଷ ପୂରଣ ହୋଇଛି। ଭୁବନେଶ୍ୱର ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ କହିଛନ୍ତି, ଦୀର୍ଘ ୫୦ ବର୍ଷ ଧରି କୁମ୍ଭୀରମାନଙ୍କ ସଂରକ୍ଷଣ ପାଇଁ ଏକ ଉଚ୍ଚକୋଟୀର ମାର୍ଗଦର୍ଶକ ଭାବେ ଓଡ଼ିଶା ସାରା ବିଶ୍ୱ ପାଇଁ ଉଦାହରଣ ସୃଷ୍ଟି କରିଛି। ରାଜ୍ୟ ସରକାର ଜଳ, ଜଙ୍ଗଲ ଓ ଜୀବଜନ୍ତୁଙ୍କ ସୁରକ୍ଷା ପାଇଁ ସର୍ବଦା ପ୍ରତିବଦ୍ଧ ବୋଲି ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ ଗୁରୁତ୍ୱାରୋପ କରିଛନ୍ତି। କୁମ୍ଭୀର ସଂରକ୍ଷଣର ୫୦ ବର୍ଷ

ପୂର୍ତ୍ତି ଅବସରରେ ଆଜିଠାରୁ ସପ୍ତାହେ ବ୍ୟାପୀ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି ।

## ଖବର ସଂକ୍ଷେପରେ....

**ବୌଦ୍ଧ** ଜିଲ୍ଲା ଟିକରପଡା ଗ୍ରାମପଂଚାୟତର ବହାଲପଡା ଗ୍ରାମଠାରେ ସମନ୍ୱିତ ସ୍ୱାସ୍ଥ୍ୟ ଶିବିର ଓ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

**ନୟାଗଡ଼** ଜିଲ୍ଲା ଷ୍ଟାଡିୟମ୍‌ଠାରେ ବିକଶିତ ମେଳା ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ ।

**ବୌଦ୍ଧ** ଜିଲ୍ଲା କଚେରୀ ପଡିଆଠାରେ ବିକାଶମେଳା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲାର ବିଭିନ୍ନ ବିଭାଗ ପକ୍ଷରୁ ଏକ ବର୍ଷର ଉପଲବ୍ଧି ସମ୍ପର୍କରେ ସୂଚନା ପ୍ରଦାନ କରାଯିବା ସହ ହିତାଧିକାରୀଙ୍କୁ ପୁରସ୍କୃତ କରାଯାଇଥିଲା ।

## ରଜ ମହୋତ୍ସବ

**ଗଞ୍ଜାମ** ଛତ୍ରପୁର ବ୍ଲକ୍ ଅନ୍ତର୍ଗତ କେରାଣ୍ଡିତୋଳାନା ରାୟଣପୁର ଗ୍ରାମର ବରିଷ୍ଠ ନାଗରିକ ମଂଚ ଆନୁକୂଲ୍ୟରେ ରଜ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବିଭିନ୍ନ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ବିତରଣ କରାଯାଇଛି ।

## ଗୋପବନ୍ଧୁ-ପୂଣ୍ୟତିଥି

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପୂଣ୍ୟତିଥିରେ ରାଜ୍ୟବାସୀ ଆଜି ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ସେବା, ସଂଗ୍ରାମ, ସଂସ୍କାର ଓ ତ୍ୟାଗର ପ୍ରତୀକ ପଣ୍ଡିତ ଗୋପବନ୍ଧୁ ୧୮୭୭ ମସିହା ଅକ୍ଟୋବର ୯ ତାରିଖରେ ପୁରୀ ଜିଲ୍ଲା ସାକ୍ଷୀଗୋପାଳ ନିକଟସ୍ଥ ସୁଆଣ୍ଡୋ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ମାନବ ସେବାକୁ ମାଧବ ସେବା ଭାବେ ନୀତି କରିଥିବା ଗୋପବନ୍ଧୁ କର୍ମ ହିଁ ଜୀବନର ମାନଦଣ୍ଡ ବୋଲି ବାର୍ତ୍ତା ଦେଇଥିଲେ ।

ଗୋପବନ୍ଧୁ ୧୯୧୭ ମସିହାରୁ ୧୯୨୧ ମସିହା ପର୍ଯ୍ୟନ୍ତ ବିହାର-ଓଡ଼ିଶା ବିଧାନସଭାର ସଦସ୍ୟ ଏବଂ ୧୯୨୧ ମସିହାରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ପ୍ରଥମ ଅଧ୍ୟକ୍ଷ ହୋଇଥିଲେ । ପୂର୍ବରୁ ୧୯୦୩ ମସିହାରେ ଉତ୍କଳ ସମ୍ମିଳନୀରେ ସକ୍ରିୟ ଭୂମିକା ଗ୍ରହଣ କରିବା ସହିତ ୧୯୦୯ ମସହାରେ ପୁରୀର ସତ୍ୟବାଦୀଠାରେ ବନବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ । ଜଣେ ଛାତ୍ରବତ୍ସଳ ଶିକ୍ଷକ, ସମାଜ ସଂସ୍କାରକ, ଦାର୍ଶନିକ, ଲେଖକ ଏବଂ ରାଜନୈତିକ ଭାବରେ ସୁପରିଚିତ ଉତ୍କଳମଣି ଗୋପବନ୍ଧୁ ୧୯୨୮ ମସିହା ଆଜିର ଦିନରେ ଇହଧାମ ତ୍ୟାଗ କରିଥିଲେ ।

## ପାଣିପାଗ

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ପ୍ରଭାବରେ ଆସନ୍ତା ୩ ଦିନ ପର୍ଯ୍ୟନ୍ତ ରାଜ୍ୟର ଅଧିକାଂଶ ସ୍ଥାନରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼,

ଝାରସୁଗୁଡ଼ା ଜିଲ୍ଲାରେ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ସତର୍କ ସୂଚନା ଜାରି କରାଯାଇଛି । ସେହିଭଳି ବିଜୁଳି ଘଡଘଡ଼ି ସହ ବର୍ଷା ହେବା ନେଇ ୨୬ଟି ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି । ଆଗାମୀ ଦିନେ ଦୁଇଦିନ ମଧ୍ୟରେ ମୌସୁମୀ ଅଧିକ ସକ୍ରିୟ ହୋଇ ସାରା ରାଜ୍ୟକୁ ଅଗ୍ରସର ହେବା ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ କହିଛି ।

********************************